ମୁଖ୍ୟ ଖବର

The Samaja

About Us | Feedback | Guestbook | Contact Us

Wednesday,09 Nov 2005

Search

ଖବର

- ମୁଖ୍ୟ ଖବର
- ଆଞ୍ଚଳିକ
- ଜାତୀୟ
- ଆନ୍ତର୍ଜାତୀୟ
- ବିଜ୍ଞାନ
- ଖେଳ
- ପାଣିପାଗ
- ସ୍ୱାସ୍ଥ୍ୟ
- ସମ୍ପାଦକୀୟ
- ସମ୍ପାଦକଙ୍କୁ ପତ୍ର

ରବିବାର

- ସ୍ୱତନ୍ତ୍ର ପ୍ରସଙ୍ଗ
- କଳା ଓ ସଂସ୍କୃତି
- କଲକାତା କିଛି କଥା
- ଦିଲ୍ଲୀ ଦରବାର

Classified

- Matrimonials
- Appointments
- Entertainment
- Subscriptions
- Advertisements

## ଜାତୀୟ ବିଜ୍ଞାନ ସଂସ୍ଥା କଲକାତା ସ୍ଥାନାନ୍ତର ଉପରେ ହାଇକୋର୍ଟଙ୍କ ରହିତାଦେଶ

୪ ସପ୍ତାହ ମଧ୍ୟରେ ୟୁଜିସିକୁ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ -- କଟକ (ନି.ପ୍ର): 'ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ' ବା ଜାତୀୟ ବିଜ୍ଞାନ ସଂସ୍ଥାକୁ ଭୁବନେଶ୍ୱରରୁ କୋଲକାତା ଉଠାଇନେବାକୁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଉପରେ ମାନ୍ୟବର ଓଡ଼ିଶା ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ବାମପନ୍ଥୀ ଦଳଙ୍କ ଚାପରେ ଏଭଳି ଏକ ମର୍ଯ୍ୟାଦାପୂର୍ଣ୍ଣ ବିଜ୍ଞାନ ସଂସ୍ଥାନକୁ ଓଡ଼ିଶାରୁ ଉଠାଇ ନେବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବା ଅଭିଯୋଗ କରି 'ରାଜ୍ୟ ଜନସ୍ୱାର୍ଥ ସୁରକ୍ଷା ପରିଷଦ' ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ଦାସ ଏହି ଜନସ୍ୱାର୍ଥ ମାମଲାଟି ରୁଜୁ କରିଛନ୍ତି। ଏହି ମାମଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ଆଜି ମୁଖ୍ୟ ବିଚାରପତି ଡଃ ସୁଜିତ୍ ବର୍ମନ ରାୟ ଓ ବିଚାରପତି ମଦନ ମୋହନ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ସରକାରଙ୍କ ଏହି ନିଷ୍ପତ୍ତି ଉପରେ ରହିତାଦେଶ ଜାରି କରିବା ସହିତ ଚାରି ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ ୟୁଜିସିକୁ ନୋଟିସ ଜାରି କରିଛନ୍ତି। ପ୍ରକାଶ ଯେ ଭୁବନେଶ୍ୱରର କୋଠପଡ଼ା ନିକଟରେ ୧୦୦ କୋଟି ଟଙ୍କା ବ୍ୟୟରେ ବାଙ୍ଗାଲୋର ଜାତୀୟ ବିଜ୍ଞାନ ସଂସ୍ଥା ଢାଞ୍ଚାରେ ଏକ ମର୍ଯ୍ୟାଦାପୂର୍ଣ୍ଣ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଲାଗି ପୂର୍ବ ଏନଡିଏ ସରକାର ନିଷ୍ପତ୍ତି ନେଇଥିବାବେଳେ ବର୍ତ୍ତମାନର ୟୁପିଏ ସରକାର ବାମପନ୍ଥୀଙ୍କ ଚାପରେ ଏହାକୁ କୋଲକାତା ଉଠାଇ ନେବାକୁ ନିଷ୍ପତ୍ତି ନେଇଛି ବୋଲି ଅଭିଯୋଗ ହେଉଛି। ବାଣୀବିହାର ନିକଟରେ ଏହି ବିଜ୍ଞାନ ସଂସ୍ଥାନ କରିବା ପାଇଁ ୟୁଜିସି ପକ୍ଷରୁ ମଧ୍ୟ ରାଜ୍ୟ ସରକାରଙ୍କୁ ୨୦୦୩ ଜୁଲାଇ ୨୩ ତାରିଖରେ ଏକ ଚିଠି ଦିଆଯାଇଥିଲା। କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ଅନୁମୋଦନ କ୍ରମେ ୟୁଜିସି ଉପରୋକ୍ତ ନିଷ୍ପତ୍ତି ନେଇଥିଲା। ଦେଶର ପୂର୍ବାଞ୍ଚଳରେ ଏହିଭଳି ଏକ ସଂସ୍ଥାନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଶେଷଜ୍ଞମାନେ ଭୁବନେଶ୍ୱର ହିଁ ସର୍ବୋତ୍କୃଷ୍ଟ ସ୍ଥାନ ହୋଇଥିବାରୁ ଏଠାରେ ଏହି ଅନୁଷ୍ଠାନ ଖୋଲିବା ପାଇଁ ସରକାରଙ୍କ ସହମତି ଲୋଡ଼ିଥିଲେ। ପ୍ରତ୍ୟେକବର୍ଷ ୧୦୦ଜଣ ଯୁକ୍ତ ଦୁଇ ବିଜ୍ଞାନ ଛାତ୍ରଙ୍କୁ ୫ ବର୍ଷିୟା ବିଜ୍ଞାନ (ସ୍ନାତକୋତ୍ତର) ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ସୁଯୋଗ ଏହି ସଂସ୍ଥା ଦ୍ୱାରା ଦିଆଯାଇଥା'ନ୍ତା। ସଂସ୍ଥାରେ ଗଣିତ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ତଥା ଅନ୍ୟାନ୍ୟ ବିଜ୍ଞାନ ସମ୍ବନ୍ଧୀୟ ବିଷୟରେ ଶିକ୍ଷାଦାନର ବ୍ୟବସ୍ଥା କରାଯାଇ ଗବେଷଣା ପ୍ରସ୍ତୁତି ପ୍ରଭୃତି କାର୍ଯ୍ୟ କରାଯିବା ସକାଶେ ଯୋଜନା ରହିଥିଲା। ପୂର୍ବ କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱର, ପୁନେ, ଆଲାହାବାଦ, ଓ ଚେନାଇଠାରେ ଏହିଭଳି ୪ଟି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ପ୍ରସ୍ତାବିତ ଜାତୀୟ ବିଜ୍ଞାନ ସଂସ୍ଥାନ ପାଇଁ ୭୫ ଏକର ଜମି ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ସହମତି ପ୍ରକାଶ କରିଥିଲେ। ମାତ୍ର କେନ୍ଦ୍ର ସରକାର ବଦଳିଯିବା ପରେ ବାମପନ୍ଥୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହି ସଂସ୍ଥାକୁ କୋଲକାତା ଉଠାଇ ନେବାକୁ ନିଆଯାଇଥିବା ନିଷ୍ପତ୍ତି ରାଜ୍ୟପ୍ରତି ବୈମାତୃକ ମନୋଭାବ ବୋଲି ପିଟିସନରେ ଉଲ୍ଲେଖ କରାଯାଇଛି। ରାଜନୈତିକ ଉଦ୍ଦେଶ୍ୟରେ ଏଭଳି ଦୁର୍ଭାଗ୍ୟଜନକ ନିଷ୍ପତ୍ତି ନିଆଯାଇ ଥିବାର ଅଭିଯୋଗ କରାଯାଇଛି। ତରବରିଆ ଭାବେ ନିକଟରେ କୋଲକାତାସ୍ଥିତ ସାହା ଅଡ଼ିଟରିୟମରେ ସଂସ୍ଥାର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରୁ ଜଣାପଡ଼ିଛି ଯେ ଏହି ସଂସ୍ଥା ପାଇଁ କୋଲକାତାରେ ଜମି ନିରୂପଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇନାହିଁ ବୋଲି ଆଡ଼ଭୋକେଟ୍ ମଧୁସୂଦନ ପଣ୍ଡା ଦର୍ଶାଇଥିଲେ। ଏହି ନିଷ୍ପତ୍ତିକୁ ରଦ୍ଦ କରି ଭୁବନେଶ୍ୱରରୁ ଏହି ମର୍ଯ୍ୟାଦାପୂର୍ଣ୍ଣ ସଂସ୍ଥାକୁ ନଉଠାଇବା ନିମନ୍ତେ ପିଟିସନରେ ନିବେଦନ କରାଯାଇଛି। ୪ ସପ୍ତାହ ପରେ ପରବର୍ତ୍ତୀ ଶୁଣାଣି କରାଯିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେବା ସହ କେନ୍ଦ୍ର ସରକାର ସତ୍ୟପାଠ ଦାଖଲ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଜି.ଏ. ଦୁର୍ଗାଚରଣ ମହାନ୍ତି ଓ ଆଡ଼ିସନାଲ







ଷ୍ଟାଣ୍ଡିଂ କାଉନସେଲ କେଶବ ଚନ୍ଦ୍ର କର ମୋକଦ୍ଦମା ପରିଚାଳନା କରୁଛନ୍ତି।



About Us Contact Us Feedback Guest Book

The site is best viewed in 800x600 Resolution and in Internet Explorer 5.0 and above.

©2003 THE SAMAJA Estd.1919 (Servants of People Society)